# Akashvani, Sambalpur

## SAMBALPURI NEWS BULLETIN

### 20 July 2024- 6.47- 6.52 am.

*********************************************

ନୀଲାଦ୍ରୀ ବିଜେ ଆର୍‌ଏନ୍‌ୟୁ / ସମ୍ବଲପୁର

ମାନବୀୟ ଲୀଳା ସାରିକରି ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀମନ୍ଦିର୍ ନ ନୀଳାଦ୍ରୀ ବିଜେ କରିଛନ୍ । ଶ୍ରୀଗୁଣ୍ଡିଚା ଯାତ୍ରା ଉତ୍‌ରୁ ରଥ ଉପ୍‌ରୁ ଲାଖ୍ ଲାଖ୍ ଭକ୍ତଙ୍କୁ ଦର୍ଶନ୍ ଦେଇକରି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଆର୍ ଭଉଣୀ ସୁଭଦ୍ରା ଗଲାରାତି ରତ୍ନବେଦୀ ନ ବିରାଜ୍‌ମାନ୍ କରିଛନ୍ । କାହାଲୀ ଘଂଟର୍ ତାଲେ ତାଲେ ଗୋଟିପହଣ୍ଡିଥି ନୀଳାଦ୍ରୀ ନାଥ ନୀଳକନ୍ଦର ନ ପହଁଚିଥିଲେ । ରଥଯାତ୍ରାର୍ ଶେଷ୍ ଦିନେ ନୀଳାଦ୍ରୀ ବିଜେ ନୀତି ହେଇଥିଲା । ଇ ସମିଆଥି ଶ୍ରୀମନ୍ଦିର୍ ଭୋଗ ମଣ୍ଡପ୍‌ନୁ ଲକ୍ଷ୍ମୀନାରାୟଣ୍ ଭେଟ ଆର୍ ବଚନୀକା ପାଠ କରାଯାଇଥିଲା । ଇତାର୍‌ସହେତେ ମହାପ୍ରଭୁ ମା ଲକ୍ଷ୍ମୀଙ୍କର୍ ମାନଭଞ୍ଜନ୍ ଲାଗି ରସଗୋଲା ଦେବାର୍ ବିଧି କରାଯାଇଛେ ।

ନୀଳାଦ୍ରୀ ବିଜେ ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା କୋଟ୍‌ସମଲେଇ ପାତାଲୀ ଶ୍ରୀକ୍ଷେତ୍ର ନ ଭିଲ୍ ନୀଳାଦ୍ରୀ ବିଜେ ଅନୁଷ୍ଠିତ୍ ହେଇଛେ । ୯ ଦିନିଆ ରଥଯାତ୍ରା ଶେଷ୍ କର୍‌ବାର୍ ଉତ୍‌ରୁ ମହାପ୍ରଭୁ ଗମ୍ଭୀରା ବିଜେ କରିଛନ୍ । ତ୍ରିକୁଟ ପାହାଡ଼ତଲୁ ତିନ୍‌ହି ମହାପ୍ରଭୁଙ୍କୁ ଛଲିଆପାହାଡ଼ ଶିଖର୍‌କେ ଗୋଟିପହଣ୍ଡିଥି ନିଆଯାଇଥିଲା । ପାତାଳି ଶ୍ରୀକ୍ଷେତ୍ର ନ ନୀଳାଦ୍ରୀ ବିଜେ ଦେଖ୍‌ବାର୍ ଲାଗି ହଜାର୍ ହଜାର୍ ଭକ୍ତଙ୍କର୍ ଭିଡ଼୍ ହେଇଥିଲା ।

କେନ୍ଦ୍ରଗୃହମନ୍ତ୍ରୀ ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶର୍ ସୁରକ୍ଷାର୍ ଲାଗି କେନ୍‌ସି ଭିଲ୍ ଥିତିର୍ ମୁକାବିଲା କର୍‌ବାର୍‌କେ ଆତଙ୍କବାଦୀ ନେଟ୍‌ୱାର୍କ ଆର୍ ସେମାନ୍‌କର୍ ସମର୍ଥକ୍ ଇକୋ ସିଷ୍ଟମ୍‌କେ ଧ୍ୱଂସ କର୍‌ବାର୍ ଲାଗି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆହ୍ୱାନ୍ ଦେଇଛନ୍ । ଗଲାକାଏଲ୍ ଆଇବିର ମଲ୍ଟି ଏଜେନ୍ସି ସେଂଟର୍-ଏମ୍.ଏ.ସି.ର ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କରିକରି କେନ୍ଦ୍ର ଗୃହମନ୍ତ୍ରୀ ଦେଶର୍ ସୁରକ୍ଷାର୍ ଲାଗି ସବୁ ସଂସ୍ଥା ଭିତ୍‌ରେ ଅଏତ୍‌କା ସମନ୍ୱୟ ଉପ୍‌ରେ ଭିଲ୍ ଜୋର୍ ଦେଇଛନ୍ । ବିଗ୍ ଡାଟା ଆର୍ ଏ.ଆଇ.- ଏମ୍‌ଏଲ୍ ପରିଚାଳିତ୍ ବିଶ୍ଳେଷଣ୍

ଆର୍ ଉନ୍ନତ୍ ବୈଷୟିକ ଜ୍ଞାନ୍‌କୌଶଲ୍‌କେ ବେଭାର୍ କରିକରି ଆତଙ୍କିଁ ଇକୋ ସିଷ୍ଟମ୍‌କେ ଧ୍ୱଂସ୍ କର୍‌ବାର୍ ଲାଗି ଜାତୀୟ ନିରାପତାଥି ସାମିଲ୍ ସବୁ ଏଜେନ୍ସି ନୁ ଯୁବକ, ବୈଷୟିକ ଦକ୍ଷ ଆର୍ ଉତ୍ସାହୀ ଅଧିକାରୀମାନ୍‌କର୍ ଟିମ୍ ଗଠନ୍ କର୍‌ବାର୍ ଲାଗି ଇ ବୈଠକ୍‌ଥି ସେ ନିର୍ଦ୍ଦେଶ୍ ଦେଇଛନ୍ ।

ଦୈନିକ ମଜୁରୀ ବୃଦ୍ଧି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍ ସର୍ବନିମ୍ନ ମଜୁରୀ ଆଇନ୍ ଅନ୍‌ସାରେ ଶ୍ରମିକ୍‌ମାନ୍‌କର୍ ମଜୁରୀ ବୃଦ୍ଧି ବାବ୍‌ଦେ ଗଲାକାଏଲ୍ ଗେଜେଟ୍ ବିଜ୍ଞପ୍ତି ବାହାର୍ କରିଛନ୍ । ଇତାର୍‌ବଲେ ଗଲା ୧୮ ତାରିଖ୍‌ନୁ ଅନୁସୂଚିତ ନିୟୋଜନ୍ ମାନ୍‌କେ ନିଯୁକ୍ତ ଶ୍ରମିକ୍‌ମାନ୍‌କର୍ ମଜୁରୀ ବଢ଼ାଯାଇଛେ । ଇ ଅନ୍‌ସାରେ ଅଣକୁଶଳୀ ଶ୍ରମିକ୍ ୫ ଶହ ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକ ୫ ଶହ ୫୦ ଟଙ୍କା, କୁଶଳୀ ଆର୍ ଉଚ୍ଚକୁଶଳୀ ମାନ୍‌କର୍ ଦୈନିକ୍ ସର୍ବନିମ୍ନ ମଜୁରୀ ୬ ଶହ ଟଙ୍କାକେ ବଢ଼ାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ମଜ୍‌ରୀ ବଢ଼ାବାର୍ ପ୍ରସ୍ତାବ୍‌କେ ଗଲା ୧୦ ତାରିଖ୍ ଦିନ ରାଜ୍ୟ କେବିନେଟ୍ ତର୍‌ଫୁ ଅନୁମତି ଦିଆଯାଇଥିଲା ।

ନୂଆଁ ରାସନ୍ କାର୍ଡ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏବା ଅକ୍ଟୋବର୍ ମାସୁ ରାଏଜେ ରାସନ୍‌କାର୍ଡ୍ ହିତାଧିକାରୀ ଯାଂଚ୍ କାମ୍ ମୁଲ୍ ହେବା । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜ୍‌ନା ଆଉ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜ୍‌ନାଥି କେତେଝନ୍ ହିତାଧିକାରୀ ରାସନ୍ ନେଉଛନ୍, ସେ ସଂଖ୍ୟା ଇ ଯାଂଚ୍‌ନୁ ଜନାପଡ଼୍‌ବା । ତୃଣମୂଳ ସ୍ତର୍ ନ ଇ ଯାଂଚ୍ କର୍‌ବାର୍ ଲାଗି ଅଧିକାରୀମାନେ ବିତରକମାନ୍‌କର୍ ସହେତେ ଯୋଗାଯୋଗ୍ କରିକରି ଡାଟା ତିଆର୍ କର୍‌ବେ । ୧୨ ହଜାର୍ ସର୍‌କାରୀ ଖୁଚ୍‌ରା ଦୁକାନୀଙ୍କର୍‌ନୁ ଇ ତଥ୍ୟ ଠୁଲାଯିବା । ବାସ୍ତବ୍ ହିତାଧିକାରୀମାନ୍‌କୁ ଚିହ୍ନଟ୍ କର୍‌ବାର୍ ଲାଗି ବର୍ଷକ ଥରେ ହିତାଧିକାରୀଙ୍କର୍ ଇ-କେଓ୍ୱାଇସି ଯୋଗାଣ ବିଭାଗ୍‌ର ପୋର୍ଟାଲ୍‌ଥି ଅପ୍‌ଲୋଡ଼୍ କର୍‌ବାର୍‌କେ ପଦକ୍ଷେପ୍ ନିଆଯାଉଥିବାର୍ ଜନାପଡ଼ିଛେ ।

ସାଂସଦ୍ ପରାମର୍ଶଦାତା କମଟି        ଆର୍‌ଏନ୍‌ୟୁ /ସମ୍ବଲପୁର

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଘୋନୁ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କର୍ ଅଧ୍ୟକ୍ଷତାଥି ଭିନ୍ ଭିନ୍ ଦଲର୍ ସାଂସଦଙ୍କୁ ନେଇକରି ପରାମର୍ଶଦାତା କମିଟି ଗଠନ୍ କରାଯାଇଛେ । ଇ କମିଟିଥି ଓଡ଼ିଶାର୍ ସାଂସଦ୍ ଭର୍ତ୍ତୃହରି ମହତାବ୍ ଆର୍ ବୈଜୟନ୍ତ ପଣ୍ଡା ଠାନ୍ ପାଇଥିବାର୍ ଜନାପଡ଼ିଛେ ।

ଭିସୁଟ୍ ପ୍ରଶିକ୍ଷଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଠାନେ ୩ ଦିନିଆ ଏ.ଆଇ.ସି.ଇ.ଟି. ମାନବିକ ମୂଲ୍ୟବୋଧ କର୍ମଶାଳା ଗଲାକାଏଲ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି କୁଲପତି ବଂଶୀଧର୍ ମାଝୀ ଶୈକ୍ଷିକ ସମାଜ୍ ବିଶେଷ୍‌କରି ଛାତ୍ରଛାତ୍ରୀ ଆର୍ ଶିକ୍ଷକ୍‌ମାନ୍‌କର୍ ଭିତ୍‌ରେ ମାନବିକ ମୂଲ୍ୟବୋଧର ମହତ୍ୱ ଉପ୍‌ରେ ଆଲୋଚନା କରିଥିଲେ ।

ଫାଇଲେରିଆ ନିରାକରଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଫାଇଲେରିଆ ନିରାକରଣ୍ ଲାଗି ଫି ବଛର୍ ୨ ଟା ଖେପେ ସାମୂହିକ୍ ଔଷଧ ସେବନ୍- ଏମ୍‌ଡିଏ ଆୟୋଜନ୍ କରାଯାଉଛେ ।

ଆଏବା ମାସ ୧୦ ତାରିଖ୍‌ନୁ ରାଜ୍ୟ ସର୍‌କାର୍ ଏମ୍‌ଡିଏ ଅଭିଯାନ୍‌କେ ରାଜ୍ୟର୍ ୧୧ ଟା ଜିଲ୍ଲା ନ କାର୍ଯ୍ୟକାରୀ କର୍‌ବେ । ଇ ସବୁ ଜିଲ୍ଲା ନ ଡି.ଇ.ସି., ଆଲ୍‌ବେଣ୍ଡାଜୋନ୍ ଆର୍ ଆଇଭରମେକ୍ଟିନ୍ ଉଷୋ ଦିଆଯବା । ୨ ବଛର୍ ବୟସ୍‌ନୁ କମ୍ ଛୁଆ, ଗର୍ଭବତୀ ମହିଲା ଆର୍ ଗୁରୁତର୍ ଅସୁସ୍ଥଙ୍କୁ ଛାଡ଼ିକରି ସମସ୍ତେ ଇ ଉଷୋ ଖାଇପାର୍‌ବେ । ତାଲିମ୍ ପାଇଥିବା ସ୍ୱାସ୍ଥ୍ୟସେବା କର୍ମଚାରୀମାନେ ମାହାଲିଆ ହିତାଧିକାରୀମାନ୍‌କୁ ଉଷୋ ଦେବେ ବଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଆର୍ଥିକ ସାକ୍ଷରତା - ଆଇଓବି ସମ୍ବଲପୁର ସମ୍ବାଦଦାତା

ଇଣ୍ଡିଆନ୍ ଓଭର୍‌ସିଜ୍ ବେଙ୍କ୍ ତର୍‌ଫୁ ଗଲାକାଏଲ୍ ସମ୍ବଲ୍‌ପୁର୍‌ର ହାଉସିଂ ବୋର୍ଡ଼ କଲୋନୀଠାନେ ଆର୍ଥିକ୍ ସାକ୍ଷରତା ଶିବର କରାଯାଇଥିଲା । ଇଥି ମହିଲା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଆର୍ ସାଧାରଣ୍ ମହିଲାମାନ୍‌କୁ ହିସାବ୍ ପରିଚାଳନା, ବେଙ୍କ୍ ଖାତା ଦେଖ୍‌ରେଖ୍ ବାଗିର୍ ଭିନ୍ ଭିନ୍ ବିଷେଥି ଅଧିକାରୀମାନେ ବୁଝେଇଥିଲେ ।

ରାଜ୍ୟ ସନ୍ତରଣ ଆର୍ଏନ୍ୟୁ / ସମ୍ବଲପୁର

ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ତରଫୁ ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍ନୁ ୬୪ ନମ୍ବର୍ ସନ୍ତରଣ୍ ପ୍ରତିଯୋଗିତା ଆରମ୍ଭ ହେଇଛେ । ପହେଲା ଦିନ ଖୋର୍ଦ୍ଧା-ଭୁବ୍ନେଶ୍ୱର ଆର୍ ସମ୍ବଲପୁର୍ର ପ୍ରତିଯୋଗୀମାନେ ବଢ଼ିଆଁ ସନ୍ତରଣ ପ୍ରଦର୍ଶନ୍ କରିଛନ୍ ।

ପାଣିପାଗ ଆର୍ଏନ୍ୟୁ / ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ବନିଥିବାର୍ ଲଘୁଚାପ୍ ଅବପାତ ରୂପ୍ ନେଇକରି ପଶ୍ଚିମ-ଉତର୍ ଦିଗ୍କେ ବଢୁଛେ । ଇଟା ଆହୁରି ଗହୀର୍ ହେଇକରି ସ୍ଥଳଭାଗ୍ ଛୁଇଁବା । ଇତାର୍ବଲେ ଗଲାକାଏଲ୍ନୁ ରାଏଜ୍ ସାରା ବର୍ଷା ଲାଗି ରହିଛେ । ଆଏଜ୍ ଅବପାତ ଛତିଶ୍ଗଡ଼୍ ଆଡ଼୍କେ ଗତି କର୍ବା । ଇଥିର୍ଲାଗି କଲାହାଣ୍ଡି, ନବରଙ୍ଗପୁର୍, କୋରାପୁଟ୍ ଆର୍ ମାଲ୍କାନ୍ଗିରି ନ ୨୦ ସେଂଟିମିଟର୍ନୁ ଅଏତ୍କା ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କର୍ବାର୍ ସହେତେ ଇ ଚାର୍ହି ଜିଲ୍ଲାକେ ରେଡ଼୍ୱାର୍ଣ୍ଣିଂ ଜାରି କରାଯାଇଛେ । ଇତାର୍ସହେତେ ବଲାଙ୍ଗିର୍,

ନୂଆପଡ଼ା କେ ଅତି ପ୍ରବଲ୍ ବର୍ଷା ଲାଗି ଅରେଞ୍ଜ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ବର୍ଷାର୍ ଲାଗି ତଲିଆ ଅଂଚଲ୍ ନ ବଢ଼ି ଆର୍ ଜଲ୍‌ବନ୍ଦିର ଡର୍ ଥିବାର୍‌ନୁ ବିପଦ୍‌ଥି ଥିବାର୍ ମାଟି ଘର୍ ଭୁସ୍‌ଡ଼ିବାର୍ ଆର୍ ରାସ୍ତା ଧୁଇ ହେଇଯିବାର୍ ସ୍ୱତନ୍ତ୍ର ରିଲିଫ୍ କମିଶନର୍ - ଏସ୍‌ଆର୍‌ସିଙ୍କର୍ ତର୍‌ଫୁ ଅନୁମାନ୍ କରାଯାଇଛେ ।